## ସଂକ୍ଷେପରେ

### କେନାଲ ପାଖରୁ ମୃତଦେହ ଜବତ

ଏମ୍‌ଭି ୭୯,୨୩।୨(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି ୭୯ ଥାନା ସମ୍ମୁଖରେ ଥିବା କେନାଲ ପାଖରୁ ଏକ ମୃତଦେହ ଜବତ ହୋଇଛି। କେନାଲ ପାଖରେ ଛେଳି ଚରାଉଥିବା କେତେ ଜଣ ଲୋକେ କେନାଲରେ ମୃତଦେହ ଦେଖି ଥାନାକୁ ଜଣାଇଥିଲେ। ଖବରପାଇ ମୃତକଙ୍କ ପରିବାର ଲୋକେ ଆସି ଘଟଣା ସ୍ଥଳରେ ପହଞ୍ଚିଥିଲେ। ମଥତକ ଜଣକ ଲାଛିପେଟା ଗ୍ରାମର ଜାଲି ମୁତା(୪୫), ସେ ମାନସିକ ଭିନ୍ନକ୍ଷମ ଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ବୁଧବାର ରାତି ୧୨ଟାରେ ଜାଲି ଘରୁ କେଉଁଆଡେ ପଳେଇ ଯାଇଥିଲେ। ସକାଳେ ଜାଲି ଘରେ ନ ଥିବା ଦେଖି ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏ ସମ୍ପର୍କରେ ଏମଭି ୭୯ ଥାନା ଅଧିକାରୀଙ୍କୁ ପଚରିବାରୁ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି।

### ୨ ହାଇସ୍କୁଲର ବିକାଶ କାର୍ଯ୍ୟ ସମୀକ୍ଷାକଲେ ପୌରାଧକ୍ଷ

ଜୟପୁର, ୨୩।୨(ନି.ପ୍ର.)-ଜୟପୁର ସହରର ନେହେରୁନଗର ସ୍ଥିତ ସିଟି ହାଇସ୍କୁଲ ଓ ଜେଇଏଲ୍‌ସି ହାଇସ୍କୁଲର ବିକାଶ କାର୍ଯ୍ୟ ସମୀକ୍ଷା ଗୁରୁବାର ପୌରାଧକ୍ଷ କରିଛନ୍ତି। ସିଟି ହାଇସ୍କୁଲ ଓ ଜେଇଏଲ୍‌ସି ହାଇସ୍କୁଲ ୫-ଟି ଅଧୀନକୁ ଯାଇଥିବାରୁ ଏହି ୨ ହାଇସ୍କୁଲର କାର୍ଯ୍ୟକୁ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଅନୁଧ୍ୟାନ କରିଥିଲେ। ଏହି ହାଇସ୍କୁଲରେ ଦୁଇଟି ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ଇ-ଲାବୋରେଟାରି, କମ୍ପ୍ୟୁଟର ରୁମ୍, ଗେଟ୍, ପାଚେରି ଆଦି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏସମ୍ପର୍କରେ ମହାନ୍ତି ହାଇସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ପୌରଯନ୍ତ୍ରୀ ବିଶ୍ୱନାଥ ପାତ୍ର,କନିଷ୍ଠ ଯନ୍ତ୍ରୀ ଅଜୟ ଜାନି ଉପସ୍ଥିତ ଥିଲେ।

### ବିଜୁରାଜନଗରରେ ଡ୍ରେନ୍ କାର୍ଯ୍ୟର ତଦାରଖ କଲେ ପୌରାଧକ୍ଷ

ଜୟପୁର, ୨୩।୨(ନି.ପ୍ର.)-ଜୟପୁର ପୌରାଞ୍ଚଳର ବିଜୁରାଜନଗର ଅଞ୍ଚଳରେ ରହିଥିବା ଡ୍ରେନ୍ କାର୍ଯ୍ୟର ତଦାରଖ ଗୁରୁବାର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି କରିଛନ୍ତି। ଏହି ଡ୍ରେନ୍ ଯୋଗୁ ବର୍ଷାଦିନେ ଲୋକଙ୍କ ଘରେ ପାଣି ପଶୁଛି। ଫଳରେ ବିଗତ ଦିନରେ ଏନେଇ ସ୍ଥାନୀୟ ବାସିନ୍ଦା ରାସ୍ତା ଅବରୋଧ କରିଥିଲେ। ଏହାକୁ ଗୁରୁତର ସହ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ମଧ ଉକ୍ତ ଅଞ୍ଚଳ ପରିଦର୍ଶନ କରି ଡ୍ରେନ୍ ନିର୍ମାଣ କରିବାକୁ ପୌର ପାଳିକାକୁ ପରାମର୍ଶ ଦେଇଥିଲେ। ଫଳରେ ଏବେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡିଛି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗବେଷିକା ପୁରସ୍କୃତ




କୋରାପୁଟ, ୨୩।୨(ସ୍ୱ.ପ୍ର.)- ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷିକାଙ୍କୁ ଆଇଆଇଟି ଖଡଗପୁରଠାରେ ଅନୁଷ୍ଠିତ ଆନ୍ତର୍ଜାତିକ କର୍ମଶାଳାରେ ପୁରସ୍କୃତ କରାଯାଇଛି। ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ଗବେଷିକା ପ୍ରିୟାଞ୍ଜଳି ରାୟ ଖଡଗପୁରରେ ଅନୁଷ୍ଠିତ ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନରେ ନିରନ୍ତର ବିକାଶ( ବିଡିସିସି-୨୦୨୩) ଶୀର୍ଷକ ତୃତୀୟ ଆନ୍ତର୍ଜାତିକ କର୍ମଶାଳାରେ ଦ୍ୱିତୀୟ ଶ୍ରେଷ୍ଠ ଉପସ୍ଥାପନା ପୁରସ୍କାର ପାଇଛନ୍ତି। ଏହି କର୍ମଶାଳା ଖଡଗପୁରରେ ଗତ ୧୬ତାରିଖରେ ହୋଇଥିଲା। କର୍ମଶାଳାରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ୭ ଜଣ ଗବେଷକ ଓ ଗବେଷିକା ଅଂଶ ଗ୍ରହଣ କରିଥିଲେ।

### ଜେଇଏଲ୍‌ସି ଚର୍ଚ୍ଚ ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ

କୋରାପୁଟ,୨୩।୨(ସ୍ୱ.ପ୍ର.)- ଗତବର୍ଷର ପ୍ରବଳ ବର୍ଷାରେ କୋରାପୁଟ ଜେଇଏଲସି ଚର୍ଚ୍ଚ ଭୁଶୁଡି ପଡିଥିଲା। ଦୀର୍ଘ ମାସ ପରେ ସେହି ସ୍ଥାନରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଜେଇଏଲସି ଚର୍ଚ୍ଚ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜେଇଏଲସି ଚର୍ଚ୍ଚର ବିଶପ ବିଧାନ କୁମାର ନାୟକ, ପୂର୍ବତନ ବିଶପ ଆଶିଷ କୁମାର ପାଲ, ଜେଇଏଲସି ସଂପାଦକ ପ୍ରଫୁଲ୍ଲ ଭତ୍ରା, ଡିନ ଶିଶୁଦାନ ଖରା ପ୍ରମୁଖ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କୋରାପୁଟ ଡିନ ବିରଞ୍ଚି କୁମାର ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି, କୋରାପୁଟ ବିଧାୟକଙ୍କ ପ୍ରତିନିଧି ସୁରଜ ପଡାଲ, ଏମ୍ପିଙ୍କ ପ୍ରତିନିଧି ବାବୁଲା ବେନିଆ, ଓଏସଏପି ସଂଘର ସଭାପତି ଜୟରାମ ପୁଜାରୀ , ବିଜେଡି ନେତା ରଘୁରାମ ମାଛଙ୍କ ସମେତ ବହୁ ବୁଦ୍ଧିଜିବୀ ଉପସ୍ଥିତ ରହିଥିଲେ ।

# କଥା ହେବାକୁ ୩ କି.ମି.ପାହାଡ଼ ଚଢ଼ିବାକୁ ପଡ଼େ

ସେମିଳିଗୁଡ଼ା/ ସୁନାବେଡ଼ା
୨୩।୨(ସ୍ୱ.ପ୍ର.)




କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକର କାଣ୍ଟି ପଞ୍ଚାୟତ ଦେଓମାଳି ପର୍ବତର ପାଦ ଦେଶରେ ରହିଛି। ଏହି ପଞ୍ଚାୟତ ସର୍ବଦା ଅବହେଳିତ ହୋଇ ରହି ଆସିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସରକାର ଦେଓମାଳି ପର୍ବତର ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରଚାର ପ୍ରସାର ପାଇଁ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ସେହି ପାହାଡ଼ ପାଦଦେଶରେ ରହୁଥିବା ଶତାଧିକ ଆଦିବାସୀଙ୍କ ଉନ୍ନତି ଲାଗି କୌଣସି ପଦକ୍ଷେପ ନେଉନାହାନ୍ତି। ଏଠାରେ ଥିବା ଉପରକାଣ୍ଟି ଗ୍ରାମରେ ୨୦୦ ପରିବାରର ୮୦୦ ଲୋକ ବାସ କରନ୍ତି। ତେବେ ଗ୍ରାମବାସୀଙ୍କୁ ଏଯାଏ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ନୁଆଁଳିଆ ଚାଳ ଛପର ଘରେ ସେମାନେ ଜୀବନ ଅତିବାହିତ କରୁଛନ୍ତି। ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଗ୍ରାମବାସୀଙ୍କ ପାଇଁ ଯୋଗାଯୋଗର କୌଣସି ସାଧନ ନାହିଁ। ମୋବାଇଲ ନେଟୱାର୍କ ନଥିବାରୁ ଲୋକେ ଜରୁରୀ ପରିସ୍ଥିତିରେ ବହୁ ହଇରାଣ ହେଉଛନ୍ତି। ଏଠାକୁ ଆସୁଥିବା ରାଜ୍ୟ ବାହାରର ପର୍ଯ୍ୟଟକମାନେ ଏଠାରୁ ସେମାନଙ୍କ ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା ହେବାକୁ ହନ୍ତସନ୍ତ ହେଉଛନ୍ତି। ଏଠାରେ କଥାବାର୍ତ୍ତା ହେବା ପାଇଁ ସେମାନଙ୍କୁ ମୋବାଇଲ ଧରି ୩ କି.ମି.ପାହାଡ ଉପରକୁ ଚଢିବାକୁ ପଡେ। ଶିକ୍ଷା,ଗମନାଗମନ ବିଭିନ୍ନ ସମସ୍ୟା ଭୋଗୁଥିବା ଗ୍ରାମବାସୀଙ୍କ ପିଲାମାନଙ୍କ ପାଠ ପଢିବା ଲାଗି କେବଳ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ସେବାଶ୍ରମ ବିଦ୍ୟାଳୟ ରହିଛି । ମାତ୍ର ପିଲାଙ୍କ ଅନୁପାତରେ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି। ୧୦୦ ପିଲାଙ୍କୁ ୩ ଜଣ ଶିକ୍ଷକ ରହିଛନ୍ତି। ବହୁ ସମୟରେ ସେମାନେ ଟ୍ରେନିଂ ଯାଉଥିବାରୁ ଜଣେ ମାତ୍ର ଶିକ୍ଷକ ପଢ଼ାଉଥିବା କହିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ହାଇସ୍କୁଲ ପଢିବାକୁ ହେଲେ ବଣ ପାହାଡ ରାସ୍ତାରେ ୧୨ରୁ ୧୪ କି.ମି. ଥୁରିଆ ଗ୍ରାମକୁ ଯିବାକୁ ପଡେ। ସେହିପରି ସ୍ୱାସ୍ଥ୍ୟ ସମସ୍ୟା ମଧ ଏଠାରେ ଲାଗିରହିଛି। ୮୦୦ ଲୋକଙ୍କ ପାଇଁ ଗୋଟିଏ ହେଲଥ ଆଣ୍ଡ ୱେଲନେସ ସେଣ୍ଟର ରହିଛଇ। ଏହା ମାସରେ ଥରେ କିମ୍ବା ଦୁଇ ଥର ଖୋଲେ। ଏବେ କିଛି ମାସ ହେଲା ଏହି ସେଣ୍ଟର ଆଉ ଖୋଲୁ ନ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର

### ସମସ୍ୟାରେ କାଣ୍ଟି ପଞ୍ଚାୟତ

ଏସବୁ ସମସ୍ୟା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ସେହିପରି ସେହି ପଞ୍ଚାୟତର ୧ ଓ ୨ ନଂ ୱାର୍ଡ ଟାଙ୍କୁବେଢାରେ ୨୫୦ ପରିବାର ର ପ୍ରାୟ ୧୦୦୦ ଲୋକ ରହୁଥିବା ବେଳେ ଗୋଟିଏ ମଧ ପରିବାରକୁ ପକ୍କାଘର ମିଳିନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ କୌଣସି ଜନସେବା କେନ୍ଦ୍ର ନଥିବାରୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ଗ୍ରାମବାସୀଙ୍କୁ ୩୦ କିମି ସେମିଳିଗୁଡାକୁ ଯିବାକୁ ପଡୁଛି। ଏ ନେଇସରପଞ୍ଚ ପାଲ ସାଆନ୍ତାଙ୍କୁ ପଚାରିବାରୁ ସେ କହିଥିଲେ ଚଳିତ ବର୍ଷ ମୋଟ ୧୧୧ଟି ଆବାସ ପଞ୍ଚାୟତକୁ ଆସିଥିଲେ ହେଁ ଏପର୍ଯ୍ୟନ୍ତ କାହାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନାହିଁ। ଏସମ୍ପର୍କରେ ସେମିଳିଗୁଡା ବିଡିଓ ସବ୍ୟସାଚୀ ବେହେରାଙ୍କୁ ପଚାରିବା ଲାଗି ତାଙ୍କୁ ବାରମ୍ବାର ଫୋନ (୭୦୦୮୦୧୬୮୦୦) କରିଥିଲେ ମଧ ସେ ଫୋନ ଉଠାଇ ନଥିଲେ ।

# ଛାତ୍ରୀଛାତ୍ରଙ୍କୁ ସଚେତନକଲା କ୍ଷୁଦ୍ର ଚଳଚ୍ଚିତ୍ର 'କିଛି ହେବ ନାହିଁ ତ'



ଛାତ୍ରୀଛାତ୍ର ଓ ଅଧିକାରୀମାନେ କ୍ଷୁଦ୍ର ଚଳଚ୍ଚିତ୍ର ଦେଖୁଛନ୍ତି ।

ମାଲକାନଗିରି,୨୩।୨ (ଡି.ଏନ୍.ଏ.)

ଆଜିର ଯୁବ ପୀଢି କିମ୍ବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବାଳିକାବାଳକ ନିଜ ଭବିଷ୍ୟତ ଚିନ୍ତା ନ କରି ବିପଥଗାମୀ ହୋଇଥାନ୍ତି। ସମାଜରେ ସେମାନେ ନିନ୍ଦିତ ହେବା ସହ ନିଜ ପରିବାର ନିକଟରେ ଅପରାଧୀ ହୋଇ ଯାଆନ୍ତି। ସେମାନଙ୍କୁ ସଚେତନ କରି ଅପରାଧଠାରୁ ଦୂରେଇ ରଖିବା ଲାଗି ଗୁରୁବାର ମାଲକାନଗିରି ଜିଲା ସଦର ମହକୁମା ବାଳକ ଉଚ୍ଚ ବିଦ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ ଏକ କ୍ଷୁଦ୍ର ଚଳଚିତ୍ର ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଅଭିଭାବକମାନଙ୍କୁ ସଚେତନ କରିଥିଲେ। ଶିକ୍ଷା ଗ୍ରହଣ ସମୟରେ ନାବାଳକ ନାବାଳିକାମାନେ ଯେପରି ଏପରି କିଛି ଭୁଲ ନ କରନ୍ତୁ ଯାହା ସେମାନଙ୍କ ଭବିଷ୍ୟତକୁ ଅନ୍ଧାର କରିଦେବ। ଏପରି ଘଟଣାମାନ ବିଭିନ୍ନ ସମୟରେ ଘଟୁଛି। ଯାହାକୁ ନେଇ ପରବର୍ତ୍ତୀ ସମୟରେ ନାବାଳିକାନାବାଳକମାନେ ଆତ୍ମହତ୍ୟା କରିବାକୁ ମଧ ପଛେଇ ନଥାନ୍ତି। ଏହି ଘଟଣାକୁ କିପରି ରୋକା ଯାଇପାରିବ ଓ ଏପରି ଭୁଲ କଲେ କି ଦଣ୍ଡ ବିଧାନ ରହିଛି ସେ ସମ୍ପର୍କରେ ଏହି କ୍ଷୁଦ୍ର ଚଳଚିତ୍ର କିଛି ହେବ ନାହିଁ ତ ମାଧମରେ ସଚେତନ କରାଯାଇଥିଲା। ଆଇଆଇସି, ଅନ୍ୟ ପୋଲିସ ଅଧିକାରୀ, ଶିଶୁ କଲ୍ୟାଣ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ସ୍ଥାନୀୟ କଳାକାରମାନେ ଏହି ଚଳଚ୍ଚିତ୍ରକୁ ପ୍ରସ୍ତୁତ କରିଥିଲେ।

## ଡୁମୁରିପୁଟ ଷ୍ଟେଶନ ଶୌଚାଳୟରୁ ଯୁବକଙ୍କ ମୃତଦେହ ଜବତ

କୋରାପୁଟ, ୨୩।୨(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଅନ୍ତର୍ଗତ ଡୁମୁରିପୁଟ ରେଳ ଷ୍ଟେସନର ଯାତ୍ରୀ ଶୌଚାଳୟରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି । ମୃତକ କୋରାପୁଟ ବ୍ଲକ ପଦ୍ମପୁର ଗ୍ରାମର ଅନନ୍ତ ଆୟାଲ(୨୩) ବୋଲି ଜଣାପଡିଛି । ତେବେ ତାଙ୍କ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହୋଇନାହିଁ। ଏହା ଏକ ଆତ୍ମହତ୍ୟା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅନନ୍ତ ଗୁରୁବାର ସକାଳେ ଶୌଚାଳୟ ଭିତରକୁ ଯାଇ ଆଉ ପଦାକୁ ବାହରି ନ ଥିଲେ । ଦୀର୍ଘ ସମୟ ଧରି କବାଟ ବନ୍ଦ ରହିବରୁ ଜଣେ ବ୍ୟକ୍ତି କବାଟକୁ ଠେଲି ଦେଇଥିଲେ। ଏହି ସମୟରେ ଭିତରେ ଅନନ୍ତଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ଷ୍ଟେସନ କର୍ମଚାରୀଙ୍କୁ ଅବଗତ କରାଯାଇଥିଲା । ଖବର ପାଇ କୋରାପୁଟ ଜିଆରପି ଓଆଇସି ବିନୟ ଭୋଇ ଓ ଅନ୍ୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ କଲେଜକୁ ପଠାଇଥିଲେ। ଏକ ମାମଲା ରୁଜୁ ହୋଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ଭୋଇ କହିଛନ୍ତି।

## ଗଞ୍ଜେଇ ଜବତ, ୪ ଗିରଫ

ପଟ୍ଟାଙ୍ଗି,୨୩।୨୩(ଡି.ଏନ.ଏ)

ରାତିଅଧିଆ ନିୟମିତ ଗଞ୍ଜେଇ ଚୋରା ଗଞ୍ଜେଇ ଚାଲାଣ ବେଳେ ପୋଲିସ ଚଢାଉ କରି ଧରିଛି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପୋଲିସ ଆରୁକୁଠାରୁ ପଟ୍ଟାଙ୍ଗି ଦେଇ ପଡୋଶୀ ଆନ୍ଧ୍ରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସ ପି.ଅଭିନବ ସୋନକାରଙ୍କ ନିର୍ଦ୍ଦେଶରେ ଏସଆଇ ରାଜେଶ ପ୍ରିୟଦର୍ଶୀ ନାୟକଙ୍କ ନେତୃତ୍ୱରେ ରାଲେଗଡାଠାରେ ପଟ୍ଟାଙ୍ଗି ପୋଲିସ ନାକାବାନ୍ଧି କରିଥିଲା। ଏହି ସମୟରେ ଏକ ବୋଲେରୋ (ୟୁପି୬୦ଡବ୍ଲ୍ୟୁ-୨୮୨୯)କୁ ଅଟକାଇ ଯାଞ୍ଚ କରାଯାଇଥିଲା। ପଛରେ ଆସୁଥିବା ଏକ ମାରୁତି(ଓଡ଼ି୧୦ ୩୩୭୭)କୁ ମଧ ଯାଞ୍ଚ କରିବା ବେଳେ ସେଥିରୁ ଗଞ୍ଜେଇ ମିଳିଥିଲା। ବୋଲେରୋ ସିଲିଂ ଚାମ୍ବରରେ ଗଞ୍ଜେଇ ରଖି ଚାଲାଣ କରାଯାଉଥିଲା। ସେଠାରୁ ଦୁଇଟି ଗାଡି ସହ ୬ ଟି ମୋବାଇଲ ଓ ୩୬୯୦ ଟଙ୍କା ଜବତ କରାଯାଇଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ସୁନାବେଡା ଏସଡିପିଓ ମନୋଜ ବେହେରା କହିଛନ୍ତି। ଏଥିସହ ଚୋରା ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ରାଜସ୍ଥାନର ଭିଲୱାରା ଜିଲା ପନ୍ଧେର୍ ଥାନା ବାବଡି ଗ୍ରାମର ବାବୁଲା ସେନ(୨୩) , ଚିତ୍ରଘୋର ଜିଲା ସଦାସ ଥାନା ଭାନପି ଗ୍ରାମର ପ୍ରକାଶ ଗୁରଜାର (୨୬) ଏବଂ ସ୍ଥାନୀୟ ଥାନା ପୁକାଲି ନୁଆଁଗୁଡା ଗ୍ରାମର ମୋଜେଶ ଖିଲ(୩୦) ଏବଂ ପୁକାଲି ଗ୍ରାମର ଅନନ୍ତ ପଡାଲ (୨୯)ଙ୍କୁ ଗିରଫ କରାଯାଇଥିଲଶ। ଏ ନେଇ ଏକ ମାମଲା ୨୪/୨୩ରେ ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଏସଡିପିଓ ବେହେରା କହିଛନ୍ତି।

## ଦଶହରା ପଡ଼ିଆ ଖେଳାଳିଙ୍କ ପାଇଁ ବ୍ୟବହାର କରିବାକୁ ଦାବି



ଉପଜିଲାପାଳଙ୍କୁ ଦାବିପତ୍ର ଦେଉଥିବା ଖେଳାଳିମାନେ।

ଜୟପୁର, ୨୩।୨(ନି.ପ୍ର.)

ଜୟପୁର ଦଶହରା ପଡ଼ିଆକୁ ଖେଳାଳିମାନଙ୍କୁ ବ୍ୟବହାର ଲାଗି ଦେବାକୁ ଦାବି ହେଉଛି। ଏହାକୁ ପଲ୍ଲିଶ୍ରୀ ମେଳା ଓ ହସ୍ତତନ୍ତ୍ର ମେଳା ଲାଗି ପ୍ରଦାନ କରାଯାଉଛି। ମାସେରୁ ଊର୍ଦ୍ଧ୍ୱ ସମୟ ଧରି ସେଠାରେ ପଲ୍ଲିଶ୍ରୀ ମେଳା ଓ ହସ୍ତତନ୍ତ ମେଳା ହେଉଛି। ଏଥିସହ ବିଭିନ୍ନ ରାଜନୈତିକ ଓ ପ୍ରଶାସିନିକ କାର୍ଯ୍ୟକ୍ରମ ମଧ କରାଯାଉଛି । ଏହାକୁ ରୋକାଯାଇ ପଡିଆକୁ ଖେଳାଳିମାନଙ୍କ ପାଇଁ ବ୍ୟବହାର କରିବାକୁ ଜୟପୁର ଖେଳାଳିମାନେ ଗୁରୁବାର ଉପ ଜିଲାପାଳ ବେଦବର ପ୍ରଧାନଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଯୁବ ଖେଳାଳି ସୁବାସ ରାଉତଙ୍କ ନେତୃତ୍ୱରେ ଶତାଧିକ ଖେଳାଳି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଗତ ବର୍ଷ ଜୟପୁରରେ ଜେପିଏଲ୍ ଗଠନ କରାଯାଇଥିଲା। ଏହା ଓଡ଼ିଶାର ଏକ ବଡ ଟିମ ଥିଲ। ବର୍ତ୍ତମାନ ଜେପିଲ-୨ ଗଠନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ଖେଳ ହେବ। ଦଶହରା ପଡିଆରେ ଗୋଟିଏ ଗୋଟିଏ ପିଚ ପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଏପରି ମେଳା କରିବା ଦ୍ୱାରା ପିଚ ନଷ୍ଟ ହେଉଛି । ପୁଣି ନିର୍ମାଣ କରିବାକୁ ପ୍ରଶାସନକୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହି ଖର୍ଚ୍ଚକୁ ରୋକିବାକୁ ଦଶହରା ପଡ଼ିଆ ଖେଳାଳିମାନଙ୍କ ପାଇଁ ବ୍ୟବହାର କରିବାକୁ ଦାବି ହେଉଛି ।

# ଲ୍ୟାମ୍ପ୍ସର ଚାଷୀଙ୍କୁ ଅଣଦେଖା ଅଭିଯୋଗ



ଲ୍ୟାମ୍ପ୍ସ ପରିସରରେ ପଡିରହିଥିବା ମାଣ୍ଡିଆ ।

ଦଶମନ୍ତପୁର,୨୩।୨ (ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ଲ୍ୟାମ୍ପ ପକ୍ଷରୁ ମାଣ୍ଡିଆ ଚାଷୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ଜଣାପଡିଛି, ମାଣ୍ଡିଆ ବ୍ୟବସାୟୀ ଏବଂ ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କ ସଲାସୁତୁରାରେ ମଣ୍ଡିରେ ହିତାଧିକାରୀଙ୍କୁ ଅବହେଳା କରାଯାଉଛି। ଏହାର ଉଦାହରଣ ନିକଟରେ ଦଶମନ୍ତପୁରରେ ଦେଖିବାକୁ ମିଳିଛି। ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତ ର ଯୋଡ଼ାପୁଟ ଗ୍ରାମର ସନ୍ୟାସୀ ଜାନୀ ତାଙ୍କର ୨୭ କୁଇଣ୍ଟାଲ ଏବଂ ଟିକାମ୍ବ ପଞ୍ଚାୟତ ତୁନଖାଲ ଗ୍ରାମର ଗୁରୁ ଜାନିଙ୍କ ୨୭ କୁଇଣ୍ଟାଲ ୫୦ କେଜି ମାଣ୍ଡିଆ ବିକ୍ରୟ ପାଇଁ ଦଶମନ୍ତପୁର ଲ୍ୟାମ୍ପକୁ ଆସିଥିଲେ।

### ମାଣ୍ଡିଆ ସଫା କରି ଆଣିବାକୁ କହି ଫେରାଇ ଦେଲେ

ମାତ୍ର ଏହି ଦୁଇ ଚାଷୀଙ୍କୁ ମାଣ୍ଡିଆକୁ ମିଲ୍‌ରେ ସଫା କରି ଆଣିବାକୁ କହି ଲ୍ୟାମ୍ପ ପକ୍ଷରୁ ଫେରାଇ ଦିଆଯାଇଥିଲା। ଶେଷରେ ସେମାନେ କିଲୋ ପିଛା ୪ ଟଙ୍କା ଦେଇ ମାଣ୍ଡିଆ ସଫା କରି ଲ୍ୟାମ୍ପରେ ନ ଦେଇ ବ୍ୟବସାୟୀଙ୍କ ମାଧ୍ୟମରେ ଅନ୍ୟତ୍ର ବିକ୍ରି କରିଥିଲେ। ଚାଷୀମାନଙ୍କ ପ୍ରତି ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବକୁ ଚାଷୀ ଏବଂ କେତେଜଣ ସମାଜିକ କର୍ମୀ ବିରୋଧ କରିଥିଲେ। ବନମାଳୀ ବିଶୋୟୀ, ମୋହନ ଚନ୍ଦ୍ର ପାତ୍ର, ବାବୁଲା ବିଶୋୟୀ, କାହ୍ନୁ ଚରଣ ବିଶୋୟୀ, ଟଙ୍କଧର ବିଶୋୟୀ ପ୍ରମୁଖ ଚାଷୀଙ୍କ ଠାରୁ ମାଣ୍ଡିଆ କିଣୁଥିବା ବ୍ୟବସାୟୀଙ୍କୁ ଘେରାଉ କରିଥିଲେ। ଏନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ଅସହଯୋଗ ହେତୁ ଚାଷୀ ମଣ୍ଡିରୁ ଲାଭ ପାଇପାରୁ ନାହାନ୍ତି ବୋଲି ବନମାଳୀ ବିଶୋୟୀ ଅଭିଯୋଗ କରିଛନ୍ତି। ଏହି ସମୟରେ ମାଣ୍ଡିଆ କିଣିବାକୁ ଘାନଟରାଗୁଡ଼ାରୁ ଆସିଥିବା ବ୍ୟବସାୟୀ ସୁବିଧା ଦେଖି ଘଟଣା ସ୍ଥଳରୁ ମାଣ୍ଡିଆ ମିଲ୍‌କୁ ନେଇ ଚାଲି ଯାଇଥିଲେ ।

ଏସଂପର୍କରେ ଲ୍ୟାମ୍ପସ କର୍ତ୍ତୃପକ୍ଷ ପ୍ରଫୁଲ୍ଲ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ମାଣ୍ଡିଆ ସଫା ନ ଥିବାରୁ ସଫା କରି ଆଣିବାକୁ ଆମେ ପଠେଇଲୁ ବୋଲି କହିଛନ୍ତି। ସରକାର କୁଇଣ୍ଟାଲ ପିଛା ମାଣ୍ଡିଆ ୩୫୭୮ ଟଙ୍କାରେ ଦେଉଛନ୍ତି। ଆମେ ସଫା ମାଣ୍ଡିଆ ହିଁ କିଣିବୁ ନଚେତ ନାହିଁ ବୋଲି ମିଶ୍ର କହିଥିଲେ।

# ବିଳମ୍ବିତ ରାତିରେ ବଢୁଛି ଗୋଚାଲାଣ

ପଟ୍ଟାଙ୍ଗି,୨୩।୨(ଡି.ଏନ.ଏ.)

ପଡ଼ୋଶୀ ରାଜ୍ୟଗୁଡ଼ିକୁ ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଗୋଚାଲାଣ ହେଉଥିବା ଅଭିଯୋଗ ହେଉଛି। ଗୋରୁମାନଙ୍କୁ ଚଲାଇ ଚଲାଇ ନିଆଯାଉଥିବାରୁ ବିଭିନ୍ନ ସମୟରେ ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା କମିବା ବଦଳରେ ବଢିବାରେ ଲାଗିଛି। ଏପରି ଦେଖିବାକୁ ମିଳୁଛି କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ପଡାଲଗୁଡା ଅଞ୍ଚଳରେ। ଖବରରୁ ଜଣାପଡିଛି, ବୁଧବାର ବିଳମ୍ବିତ ରାତିରେ ନବରଙ୍ଗପୁର ଜିଲାରୁ ପଡୋଶୀ ଆନ୍ଧ୍ରକୁ ଗୋରୁ ବ୍ୟବସାୟୀମାନେ ଜାତୀୟ ରାଜପଥରେ ଗୋରୁଙ୍କୁ ଚଲାଇଚଲାଇ ନେଉଥିଲେ। ଏହି ସମୟରେ ନୁଆଁଗା ପଞ୍ଚାୟତ କର୍ତ୍ତାଲମାଉଡି ଗ୍ରାମର ଅଜିତ ଖରା ସୁଙ୍କିରୁ ନିଜ ଗ୍ରାମକୁ ବାଇକ୍ (ଓଡ଼ି୧୦ଏନ୍-୬୯୪୦)ରେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଗାଡ଼ିର ଲାଇଟ ତାଙ୍କ ମୁହଁରେ ପଡିବାରୁ ସେ ନିୟନ୍ତ୍ରଣ ହରାଇ ରାଜପଥରେ ବ୍ୟବସାୟୀମାନେ ନେଇ ଯାଉଥିବା ଗୋରୁଙ୍କ ଦେହରେ ଧକ୍କା ହୋଇ ଗୁରୁତର ହୋଇଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା କେତେକ ଯୁବକ ଅଜିତଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ। ସେହିପରି କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ମଧ ପୁଙ୍ଗାର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆମ୍ବୁଲାନ୍ସ ସମ୍ମୁଖକୁ ହଠାତ୍ ଗୋରୁ ଚାଲି ଆସିବାରୁ ଚାଳକ ନିୟନ୍ତ୍ରଣ ହରାଇଥିଲେ।

# ନାରାୟଣପାଟଣାରେ ପୋଲିସର ଜନସମ୍ପର୍କ ଶିବିର

ନାରାୟଣପାଟଣା, ୨୩।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନି କୁମାର ନାୟକଙ୍କ ଅଧ୍ୟକ୍ଷତାରେ ନାରାୟଣପାଟଣା ବ୍ଲକ ପୋଡ଼ାପଦର ପଞ୍ଚାୟତରେ ପୋଲିସର ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅଭିନଭ ସୋନାରକର ମୁଖ୍ୟ ଅତିଥି, କୋରାପୁଟ ଆର୍‌ଆଇ ସୁବାସ ଚନ୍ଦ୍ର ନାୟକ, ନାରାୟଣପାଟଣା ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ପୋଡାପଦର ସରପଞ୍ଚ ସାମେ ୱାଡେକା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପୋଡାପଦର ପଞ୍ଚାୟତର ମହିଳା ପୁରୁଷ ଓ ଯୁବତୀ ଯୁବକମାନେ ଶିବିରରେ ଉପସ୍ଥିତ ଥିଲେ। ପୋଲିସକୁ କେହି ଭୟ କରିବାର ଆବଶ୍ୟକତା ନାହିଁ,ଯେକୌଣସି ମୁହୂର୍ତ୍ତରେ ସାଧାରଣଲୋକେ ପୋଲିସର ସହାୟତା ନେଇପାରିବେ ବୋଲି ଅତିଥିମାନେ କହିଛନ୍ତି। ପୋଲିସ ଓ ସାଧାରଣଲୋକଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ହିଁ ଜନସମ୍ପର୍କ ଶିବିର ଆୟୋଜନର ମୁଖ୍ୟ କାରଣ ବୋଲି ଏସ୍‌ପି ସୋନାରକର କହିଥିଲେ। ଶିବିରରେ ଯୋଗ ଦେଇଥିବା ଅନେକ ଲୋକଙ୍କୁ ଘରକରଣା ସାମଗ୍ରୀ, ଛାତ୍ରଛାତ୍ରୀଙ୍କୁ ପାଠ୍ୟଉପକରଣ, ବରିଷ୍ଠ ନାଗରିକଙ୍କୁ କମ୍ବଳ,ଛତା, ଲୁଙ୍ଗି ଟାୱାଲ୍ ପ୍ରଦାନ କରାଯାଇଥିଲା। ନାରାୟଣପାଟଣା ଥାନାଧିକାରୀ ରଘୁନାଥ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରଙ୍କୁ ପାଠ୍ୟଉପକରଣ ପ୍ରଦାନ କରାଯାଉଛି।

# ଭୂତଳ ସେତୁ ନିର୍ମାଣ ନେଇ କ୍ଷେତ୍ର ପରିଦର୍ଶନ କଲେ ଉପଜିଲାପାଳ

ନନ୍ଦପୁର, ୨୩।୨

ଗ୍ରାମବାସୀଙ୍କ ଯାତାୟାତରେ ବାଧକ ସାଜିଥିବା ମାଛକୁଣ୍ଡ ରୋଡ୍ ରେଳଷ୍ଟେସନ ଧାରଣାରେ ଭୂତଳ ସେତୁ ଓ ସେତୁ ପାର୍ଶ୍ୱର ଆପ୍ରୋଚ୍ ରୋଡ୍ ନିର୍ମାଣ ପାଇଁ ଗୁରୁବାର କୋରାପୁଟ ଉପଜିଲାପାଳ ଓ ରେଳ ବିଭାଗ କର୍ତ୍ତୃପକ୍ଷ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏନେଇ ସ୍ଥାନୀୟ ଲୋକ ପ୍ରତିନିଧି ମୁଖ୍ୟମନ୍ତ୍ରୀ, ଜିଲା ପ୍ରଶାସନ ଓ ରେଳ ବିଭାଗ ଅଧିକାରୀଙ୍କୁ ସାକ୍ଷାତକରି ଲିଖିତ ଅଭିଯୋଗ କରିଥିଲେ। ଫଳରେ କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶରେ ଗୁରୁବାର ଉପଜିଲାପାଳ ବେଣୁଧର ଶବରଙ୍କ ନେତୃତ୍ୱରେ ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡିଛି। ରେଳ ବିଭାଗ ପକ୍ଷରୁ ଷ୍ଟେଶନ ଠାରୁ ଅଳ୍ପ ଦୂରରେ ଥିବା ସାଉନି ପୂଜାରୀପୁଟ ନାଳ ନିକଟରେ ଭୂତଳ ସେତୁ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ବର୍ଷାଦିନେ ନାଳରେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ଅନ୍ୟତ୍ର ନିର୍ମାଣ କରିବାକୁ ଦାବି କରି ଆସୁଥିଲେ। ରେଳ ବିଭାଗ ଦ୍ୱାରା ଚିହ୍ନଟ ସ୍ଥଳ ଓ ଲୋକଙ୍କ ଦାବି ମୁତାବକ



ଉପଜିଲାପାଳ ଓ ଅଧିକାରୀମାନେ ଚିହ୍ନଟ ସ୍ଥାନ ଅନୁଧାନ କରୁଛନ୍ତି।

ସ୍ଥାନ ପାଇଁ ଦୁଇଟି ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ଉପଜିଲାପାଳ ଉପସ୍ଥିତ ରେଳ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ରେଳ ବିଭାଗର ଉପରିସ୍ଥ ଅଧିକାରୀ, ଜିଲା ଓ ରାଜ୍ୟ ପ୍ରଶାସନ ଆଲୋଚନା ପରେ ମଞ୍ଜୁରି ମିଳିବ। ଚିହ୍ନଟ ସ୍ଥାନରେ ଭୂତଳ ସେତୁ ନିର୍ମାଣ ହେବ ବୋଲି ଯନ୍ତ୍ରୀ ଏମ. ଗୋବିନ୍ଦା ଆଚାରି ଓ କୁଳଦୀପ ସୋଏଲ କହିଛନ୍ତି। ଏହି ଅବସରରେ ମାଳିବେଲଗାଁ ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ଅନୁରୋଧରେ ଦୁଇବର୍ଷ ତଳେ ଭୁଶୁଡି ପଡିଥିବା ସିଡାପୁଟ ପୋଲକୁ ଉପଜିଲାପାଳ ଓ ବ୍ଲକ ପ୍ରଶାସନିକ ଅଧିକାରୀ ପରଖି ଦେଖିଥିଲେ। ଏଠାରେ ପୋଲ ନିର୍ମାଣ ନିମନ୍ତେ ଜିଲାପାଳଙ୍କ ସହ ସେ ଆଲୋଚନା କରିବେ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ନନ୍ଦପୁର ବିଡିଓ ସୁଜିତ ମିଶ୍ର, ତହସିଲଦାର ନରସିଂହ ଗାଦବା, ସହକାରୀ ନିର୍ବାହୀ ଯନ୍ତ୍ରୀ ଝାସ କେତନ ବେହେରା, ମାଳିବେଲଗାଁ ସରପଞ୍ଚ ପ୍ରହଲ୍ଲାଦ ମୁଦୁଲି, ସମିତିସଭ୍ୟ ମଙ୍ଗୁଲୁ ଖରା ପ୍ରମୁଖ ଉପସ୍ଥିତ ଥିଲେ।

**ମାର୍ଚ୍ଚ ୨୭ରୁ ମା' ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା**

ଉମରକୋଟ,(ସ୍ୱ.ପ୍ର.)- ମା ଜଗତ ଜନନୀ ଠାକୁରାଣୀଙ୍କ ନବଦିନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉମରକୋଟସ୍ଥିତ ମାଁ ମଙ୍ଗଳାଙ୍କ ମନ୍ଦିର ପରିସରରେ ମାଁ ଙ୍କ ନବ ଦିନ ଯାତ୍ରା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି। ଚଳିତ ବର୍ଷ କିଭଳି ଶାନ୍ତିଶୃଙ୍ଖଳାରେ ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ମାର୍ଚ୍ଚ ୨୭ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ମହାଆଡମ୍ବରରେ କଳସୀ ଯାତ୍ରା ପାଳନ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଛି। ଚଳିତ ବର୍ଷ ଯାତ୍ରା ପାଇଁ ନୂତନ ପୂଜା କମିଟି ଗଠନ କରାଯାଇଛି। ଭୈରବ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ କମିଟିର ସଭାପତି ଭାବେ ଚୟନ କରାଯାଇଛି। ତୁଳସୀ ରାମ ନାୟକ ଉପସଭାପତି, ଭିକି ନାୟକ କୋଷାଧକ୍ଷ , ସମ୍ପାଦକଭାବେ ବାଳକୃଷ୍ଣ ପାତ୍ରଙ୍କୁ ମୋନନିତ କରିଯାଇଛି।

## ସଂକ୍ଷେପରେ

### ମାଁ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା

ଉମରକୋଟ, ୨୩।୨(ସ୍ୱ.ପ୍ର.)- ଉମରକୋଟ ବ୍ଲକ ବେହେଡ଼ା ପଞ୍ଚାୟତ ଅଧୀନ ଲିମ୍ବାଗୁଡ଼ାରେ ଗ୍ରାମର ମାଁ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ମହିମା ଅଲେଖ ଧର୍ମାବଲମ୍ବୀ ଭକ୍ତଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧୁ ଶ୍ରୀମଦ୍ ସଭାଗିୟା ମୁଖ୍ୟ ଅତିଥି ଓ ଉମରକୋଟ୍ର କଂଗ୍ରେସ ନେତା ସନରାଜ ଗଣ୍ଡ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉମରକୋଟ ନଗର କଂଗ୍ରେସ କମିଟି ଉପସଭାପତି ଏସ୍. ବିଜୟ୍ , ସାଧାରଣ ସମ୍ପାଦକ ପର୍ଶୁରାମ ନାୟକ, ଯୁବକଂଗ୍ରେସ ସଭାପତି ଅଜୟ୍ ଚୌହାନ, ଉମରକୋଟ ବ୍ଲକ ଯୁବ କଂଗ୍ରେସ ଉପସଭାପତି ଶଙ୍କର ମଣ୍ଡଳ, ଗଣେଶ କୁର୍ମି, ଗୋବର୍ଦ୍ଧନ ଡଙ୍ଗରୀ,ସିକନ୍ଦର ଭାଇ, ଟଇଲା ଧନ ଭତ୍ରା, ସ୍ୟମ ଭତ୍ରା, ବିକ୍ରମ ପୂଜାରୀ, ୱାର୍ଡମେମ୍ବର ରମେଶ ଭତ୍ରା, ଲଛ ପୂଜାରୀ, ବିଶେକରାଏ ଭତ୍ରା, ଦିନବନ୍ଧୁ ଭତ୍ରା, ଡମ୍ବରୁଧର ଭତ୍ରା, ମକର ଭତ୍ରା, ଗିରିଧର ଗୌଡ଼ଙ୍କ ସମେତ ଗ୍ରାମର ପ୍ରାୟ ୨ହଜାରରୁ ଅଧିକ ଭକ୍ତ କଳସ,ଦୀପ ଧରି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଯୋଗ ଦେଇଥିଲେ।

### ମାଁ କାଳୀଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ପ୍ରସ୍ତୁତି ବୈଠକ

ଉମରକୋଟ, ୨୩।୨(ସ୍ୱ.ପ୍ର.) -ଉମରକୋଟ ବ୍ଲକ ଅଧୀନ ମୂର୍ତ୍ତୁମା ପଞ୍ଚାୟତସ୍ଥିତ ସାନଖଡ଼କା ଗ୍ରାମରେ ମାଁ କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ମୁଖ୍ୟ ଲୋକଙ୍କ ସହ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଆସନ୍ତା ଚୈତ୍ର ମାସ ୧୦ ତାରିଖରେ ମନ୍ଦିର ପ୍ରତିଷ୍ଠା କରାଯିବ। ମନ୍ଦିର ପ୍ରତିଷ୍ଠା ସହ ମା'ଙ୍କ ବିଗ୍ରହ ସ୍ଥାପନ ପାଇଁ ୩ଦିନ ବିଭିନ୍ନ ପୂଜା କାର୍ଯ୍ୟକ୍ରମ ରହିଛି। ତିନି ଦିନ ମନ୍ଦିର କମିଟି ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଭୋଗ ବଣ୍ଟନ କରାଯିବ। ବୈଠକରେ ପୂଜାରୀ, ମନ୍ଦିର କମିଟି ସଭାପତି, ୱାର୍ଡମେମ୍ବର ଓ ଗ୍ରାମର ଭଦ୍ର ବ୍ୟକ୍ତିମାନେ ଯୋଗ ଦେଇଥିଲେ।

### ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର

ରାଇଘର, ୨୩।୮(ଡି.ଏନ୍.ଏ.)
ରାଇଘର ବ୍ଲକ କାର୍ଯ୍ୟାଳୟ ପରିସରରେ ପରାମର୍ଶ ଶିବିର ଆୟୋଜିତ ହୋଇଛି। ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ, ଜିଲା ପ୍ରଶାସନ ଓ ବ୍ଲକ ପକ୍ଷରୁ ଏହି ଶିବିରର ଆୟୋଜନ କୋରାଯାଇଥିଲା। ଯୋଗ୍ୟତା ଅନୁସାରେ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାରେ ତାଲିମ ଦେବା ସହ ନିଯୁକ୍ତି ବ୍ୟବସ୍ଥା କୋରାଯିବା ସମ୍ପର୍କରେ କାଉନସିଲିଂ କରାଯାଇଛି। ସରକାରୀ ଆଇଟିଆଇ କଲେଜରେ ଝିଅମାନଙ୍କ ପାଇଁ ୩୩ ପ୍ରତିଶତ ସିଟ ସଂରକ୍ଷଣ ସହ ହଷ୍ଟେଲରେ ରହିଲେ



ମାସକୁ ୧୫୦୦ଟଙ୍କା ଓ ଘରୁ ଯିବାଆସିବା କରୁଥିବା ଛାତ୍ରୀଙ୍କୁ ମାସକୁ ୫୦୦ଟଙ୍କା ବୃତ୍ତି ଦେବାର ବ୍ୟବସ୍ଥା ରହିଛି। ଏଥି ସହ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସହଯୋଗ ରହିବ ବୋଲି କୁହାଯାଇଛି। ଏହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିବିରରେ ବ୍ଲକ ଅଞ୍ଚଳରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଶିବିରରେ ବିଜୁ କେବିକେ ଯୋଜନା ଉପଦେଷ୍ଟା ଶୁକଦେବ ଗଣ୍ଡ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ବ୍ଲକ ଅଧକ୍ଷା ନବୀନା ନାୟକ, ଉପାଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବିଡ଼ିଓ ଦେବାଶିଷ କର, ଏବିଡିଓ ବିଜୟ୍ ସେଠି ଯୋଗ ଦେଇଥିଲେ।

# ବଜାର ଦରରେ ଜମିର ମୂଲ୍ୟ ଦେବାକୁ ଦାବି

**ଜୟପୁର-ନବରଙ୍ଗପୁର ରେଳଲାଇନ ଜମି ଅଧିଗ୍ରହଣ ନେଇ ଜନଶୁଣାଣି**

ନନ୍ଦାହାଣ୍ଡି,୨୩।୨(ଡି.ଏନ୍.ଏ.)

ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳଲାଇନ ପ୍ରକଳ୍ପର ଜମି ଅଧିଗ୍ରହଣ ପାଇଁ ନନ୍ଦାହାଣ୍ଡି ବ୍ଲକ ନୀଳକଣ୍ଠଗୁଡ଼ା ଗ୍ରାମରେ ଏକ ଜନଶୁଣାଣି କରାଯାଇଛି। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଛି। ଗତ ୮ତାରିଖରେ ନବରଙ୍ଗପୁର ଜିଲାପାଳଙ୍କ ଭୂଅର୍ଜନ ବିଭାଗ ପକ୍ଷରୁ କେଶରୀଗୁଡ଼ା, ନବରଙ୍ଗପୁର ଏବଂ ଗାଦବାଗୁଡ଼ାର ମୋଟ ୭୩.୯୧୧ ଏକର ଜମି ଅଧିଗ୍ରହଣ ନିମନ୍ତେ ଓଡ଼ିଶା ଭୂ ଅର୍ଜନ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ ୨୦୧୬ (୧୪) ଅନୁଯାୟୀ ଜନଶୁଣାଣି ପାଇଁ ନୋଟିସ ଜାରି କରାଯାଇଥିଲା। ଉକ୍ତ ବୈଠକରେ ଉକ୍ତ ୩ ଗାଁର ଅଧିଗ୍ରହଣରେ ଜମି ହରାଉଥିବା



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

ବ୍ୟକ୍ତିଙ୍କ ଆପତ୍ତି, ଅଭିଯୋଗ ତଥା ମତାମତ ନିଆଯାଇଥିଲା। ସରକାରୀ ଦର ବଦଳରେ ବଜାର ଦର ଅନୁଯାୟୀ ଜମିର ମୂଲ୍ୟ ଦେବାକୁ ଜମି ହରାଉଥିବା ଲୋକେ କହିଥିଲେ। ଉକ୍ତ ଆପତ୍ତି ଅଭିଯୋଗ ତଥା ମତାମତଗୁଡ଼ିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବୈଠକରେ ଜୟପୁର-ନବରଙ୍ଗପୁର ରେଳଲାଇନ ପ୍ରକଳ୍ପର ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ସୁରଜ ପଟ୍ଟନାୟକ, ଭୂ ଅର୍ଜନ ଅଧିକାରୀ ମୌସୁମୀ ନାୟକ, ରାଜ୍ୟ ସାମାଜିକ ପ୍ରଭାବ ଆକଳନ ପାଇଁ ଦିଆଯାଇଥିବା ଲାଇଫ ଏକାଡେମୀ ଫର୍ ଭୋକେଶନାଲ ଷ୍ଟଡି ସଂସ୍ଥାର ସତ୍ୟନାରାୟଣ ରଣା, ନବରଙ୍ଗପୁର ତହସିଲର ରାଜସ୍ୱ ପରିଦର୍ଶକ ପ୍ରଶାନ୍ତ ଦାସ, ମହମ୍ମଦ ଜାଭେଦ ଆଖତର, ରାଜସ୍ୱ ନିରୀକ୍ଷକ ସାଗର ଖୁଣ୍ଟିଆ, ସହାୟକ ରାଜସ୍ୱ ନିରୀକ୍ଷକ ନିରାକାର ସୌରା, ଅମିନ ଉମେଶ ସଗରିଆ, ପୂର୍ବତଟ ରେଳ ବିଭାଗ ସିନିୟର ସେକ୍ସନ ଇଞ୍ଜିନିୟର ଏସ୍. ଗୋପାଲଜ୍ଞୁ, ଇଞ୍ଜିନିୟର ସତ୍ୟମ ମାଝି , ଭୂ ଅର୍ଜନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ ଭବାନୀ ବାବୁ , ଜିଲା ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟର କନିଷ୍ଠ ସହାୟକ ସମୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ପାପଡାହାଣ୍ଡି /ମୈଦଲପୁର, ୨୩।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଅଧୀନ କଣ୍ଟାସାରୁ ପାଖ ନୂଆଗୁଡା ପାଣିଟାଙ୍କି ନିକଟରେ ଥିବା ଏକ ଆମ୍ବ ଗଛରୁ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ନୂଆଗୁଡା ଗ୍ରାମର ରତ୍ନାମଣୀ ଜାନିଙ୍କ ଝିଅ ଜୟନ୍ତୀ (୧୫)। ସୂଚନାନୁଯାୟୀ, ସକାଳେ ଘରେ କୌଣସି କାରଣରୁ ଝଗଡ଼ା ହେବାରୁ ଜୟନ୍ତୀ ଘରୁ ବାହାରି ଯାଇଥିଲେ। ଦିନ ୧୧ବେଳେ ଗୋଟିଏ ଆମ୍ବଗଛରେ ଏକ ଗାମୁଛାରେ ପ୍ରାୟ ୧୦ଫୁଟ ଉପରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପ୍ରସାରିତ ହେବା ପରେ ରତ୍ନାମଣୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଖବର ପାଇ ମୈଦଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛନ୍ତି । କେଶ ନଂ ୩/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ନଟବର ନନ୍ଦ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶରେ ରେଡ୍କ୍ରସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନବରଙ୍ଗପୁର କଲେଜରେ ଜିଲାସ୍ତରୀୟ ଯୁବ ରେଡ୍କ୍ରସ୍ ଶିକ୍ଷା, ତାଲିମ ଶିବିର**

ନବରଙ୍ଗପୁର,୨୩।୨(ବି.ପ୍ର.)

ନବରଙ୍ଗପୁର ଜିଲା ଯୁବ ରେଡ୍କ୍ରସ୍ (ୱାଇଆରସି)ର ଜିଲାସ୍ତରୀୟ ଯୁବ ରେଡ୍କ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍ଘାଟିତ ହୋଇଯାଇଛି। ଏହା ୩ଦିନ ଧରି ଚାଲିବ। ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଡ. କମଳଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଶିବିର ଉଦ୍ଘାଟନ କରିଥିଲେ। ପ୍ରତି କଲେଜରୁ ୨୫ ଜଣ ଲେଖାଏ ପିଲାଙ୍କୁ ନେଇ ଫାଷ୍ଟଏଡ୍ ତାଲିମ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ରେଡ୍କ୍ରସ୍‌ର ଆଜୀବନ ସଭ୍ୟ ତଥା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶରେ ରେଡ୍କ୍ରସ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥି, ଶିବିରାର୍ଥୀ ଓ ଅନ୍ୟମାନେ।

ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲା ଆପତ୍କାଳୀନ ଅଧିକାରୀ ମୌସୁମୀ ନାୟକ ଯୋଗଦେଇ ଯୁବ ରେଡ୍କ୍ରସ୍‌ର ବିକାଶ ନିମନ୍ତେ ସମସ୍ତ ଚେଷ୍ଟା ଜାରି ରହିବ ଓ ଏଥିପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ରହିଛି ବୋଲି କହିଥିଲେ। ମହାବିଦ୍ୟାଳୟ ଉନ୍ନତିରେ ସମସ୍ତଙ୍କ ସହଯୋଗ ରହିଛି। ପିଲାମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ସମସ୍ତ ଚେଷ୍ଟା ଚାଲିଛି ବୋଲି ଅଧକ୍ଷ ବିଶ୍ୱାଳ କହିଥିଲେ। ଜିଲା ଯୁବ ରେଡ୍କ୍ରସ ଆବାହକ ଅଧାପକ ଦିଲୀପ କୁମାର ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧାପକ ଶମ୍ଭୁପ୍ରସାଦ ହୋତା ଏବଂ ଅଧାପକ ସଚିନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଡାକ୍ତରଖାନାରୁ ଡାକ୍ତର ମଳୟ ରଞ୍ଜନ ତ୍ରିପାଠୀ ଓ ଯୁବ ରେଡ୍କ୍ରସ୍ ଜିଲା ସଂଯୋଜକ ଅଖିଳ ଭଞ୍ଜ ସମ୍ବଳ ପ୍ରଶିକ୍ଷକ ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେଇଥିଲେ। ଶିବିରରେ ଜିଲାର ୨୫ଟି ମହାବିଦ୍ୟାଳୟରୁ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କ ସହ ରେଡ୍କ୍ରସ କାଉନସିଲର ଓ ଅଧକ୍ଷମାନେ, କଲେଜ ଅଧାପିକା ଅଧାପକ ଓ କର୍ମଚାରୀ ଯୋଗଦେଇଥିଲେ।

## ଅଟୋରୁ ପଡି ଜଣେ ମୃତ

ପାପଡାହାଣ୍ଡି /ମୈଦଲପୁର, ୨୩।୨(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଅନ୍ତର୍ଗତ ଖଜୁରୀ ଗ୍ରାମର ଜଣେ ବ୍ୟକ୍ତି ବୁଧବାର ଅଟୋରୁ ପଡ଼ି ଗୁରୁତର ହୋଇଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୋମନାଥ ଜାନି (୫୫)। ମୃତକଙ୍କ ପୁତୁରା ବିଶମ୍ବର ନାୟକ ଏ ନେଇ ମୈଦଲପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପ୍ରକାଶ ଯେ, ଗତ ବୁଧବାର ସୋମନାଥ ଓ ତାଙ୍କ ସମ୍ପର୍କୀୟମାନେ ଅଟୋ (ଓଡ଼ି ୧୦ ଜି ୨୮୦୧)ରେ ଏକ ନିର୍ବନ୍ଧ କାର୍ଯ୍ୟରେ ଚିଲିପଦର ଗ୍ରାମକୁ ଯାଇଥିଲେ । ସନ୍ଧ୍ୟାରେ ଫେରିବା ବେଳେ ଖଜୁରୀ ଘାଟିରେ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ସୋମନାଥ ଅଟୋରୁ ପଡ଼ିଯାଇ ଗୁରୁତର ହୋଇଥିଲେ। ମୈଦଲପୁର ମେଡିକାଲରେ ଚିକିତ୍ସିତ ହୋଇ ରାତି ପ୍ରାୟ ୧୦ଟାରେ ଘରକୁ ଫେରିଥିଲେ । ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଅଭିଯୋଗକ୍ରମେ ନଂ.୨୩/୨୩ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ନଟବର ନନ୍ଦ କହିଛନ୍ତି ।

# ମୃତ ଶ୍ରମିକଙ୍କ ବୀମା ଟଙ୍କା ହଡ଼ପ

**ଥାନାରେ ଏତଲା ପରେ ଯୁବକ ଅଟକ**

ପାପଡାହାଣ୍ଡି/ ମଇଦଲପୁର , ୨୩।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଥାନା ମାଝିଗୁଡ଼ା ପଞ୍ଚାୟତ ଗଞ୍ଜିଆଖାରି ଗ୍ରାମର ଜଣେ ମୃତ ଶ୍ରମିକଙ୍କ ବୀମା ଟଙ୍କା ହଡ଼ପ ହୋଇଥିବା ନେଇ ଥାନାରେ ଏତଲା ହୋଇଛି। ପୋଲିସ ଅଭିଯୁକ୍ତ ଯୁବକକୁ ଅଟକ ରଖିଛି।

ଗ୍ରାମର ପୂର୍ଣ୍ଣି ମୁଦୁଲିଙ୍କ ଅଭିଯୋଗ ଅନୁଯାୟୀ ୨ ବର୍ଷ ତଳେ ତାଙ୍କ ସ୍ୱାମୀ ଚୈତନ୍ୟ ମୁଦୁଲିଙ୍କ ଦେହାନ୍ତ ହୋଇଥିଲା। ଦେହାନ୍ତ ପୂର୍ବରୁ ଚୈତନ୍ୟ ଶ୍ରମ ବୀମା କାର୍ଡ କରି ଥିବାରୁ ମୃତ୍ୟୁ ପରେ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କାର ସହାୟତା ମିଳିବାର ଥିଲା। ଟଙ୍କା ପାଇଁ ପୂର୍ଣ୍ଣି ଜିଲା ଶ୍ରମ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଆବଶ୍ୟକ ଦସ୍ତାବିଜ ଦାଖଲ ଲାଗି କୁହାଯାଇଥିଲା। ମାଝିଗୁଡ଼ା ଗ୍ରାମର ଚେକ୍ରା ସାହା ବିଷୋୟୀ ଖବରପାଇ ପୂର୍ଣ୍ଣିଙ୍କ ଘରକୁ ଯାଇ ସେ ଜଣେ ବୀମା ଏଜେଣ୍ଟ ତାଙ୍କୁ ଦସ୍ତାବିଜ ଦେବା ଲାଗି କହିଥିଲେ। ପୂର୍ଣ୍ଣି ତାଙ୍କୁ କାଗଜପତ୍ର ଦେଇଥିଲେ। ପରେ ଉତ୍କଳ ବ୍ୟାଙ୍କ ନେଇ ପୂର୍ଣ୍ଣିଙ୍କ ଅଙ୍ଗୁଳି ଟିପ ନେଇଯାଇଥିଲେ। କିନ୍ତୁ ବୀମା ଟଙ୍କା ପାଇ ନ ଥିଲେ। ପରେ ପୂର୍ଣ୍ଣି ବ୍ୟାଙ୍କକୁ




ଥାନାକୁ ଅଭିଯାଗ କରିବାକୁ ଆସିଥିବା ପୂର୍ଣ୍ଣି।

ଯାଇ ଜାଣିବାକୁ ପାଇଥିଲେ ବୀମା ଟଙ୍କାକୁ ଚେକ୍ରା ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରିଦେଇଛନ୍ତି। ଏ ନେଇ ସେ ଚେକ୍ରାଙ୍କୁ ଯୋଗାଯୋଗ କରିବାରୁ ସେ ଗାଳିଗୁଲଜ କରି ଘଉଡ଼ାଇ ଦେଇଥିଲେ ବୋଲି ପୂର୍ଣ୍ଣି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପୋଲିସ ପୂର୍ଣ୍ଣିଙ୍କ ଏତଲାକୁ ଭିତ୍ତି କରି ଚେକ୍ରା ସାହାଙ୍କୁ ଅଟକ ରଖିଛି।

# 'ମୋଦି-ଆଦାନୀଙ୍କ ବନ୍ଧୁତ୍ୱ ଦେଶର ଅର୍ଥନୀତିକୁ ଦୁର୍ବଳ କରିଛି'

**ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ**

ନବରଙ୍ଗପୁର,୨୩।୨(ବି.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପର୍କକୁ ହିଣ୍ଡେନବର୍ଗ ଖୁଲାସା କରିଛି। ବହୁପୂର୍ବରୁ ରାହୁଲ ଗାନ୍ଧୀ ଏହି ଘଟଣା ଉପରେ ଅଭିଯୋଗ ଆଣିଥିଲେ ମଧ୍ୟ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ ନ ଥିଲେ। ଭାରତୀୟ ରାଜନୀତିର ବିଶେଷଜ୍ଞ ଓ ଅର୍ଥଶାସ୍ତ୍ରୀମାନେ ଏହି ବିପଦକୁ ଆଗରୁ ସୂଚନା ପାଇ ପାରିଥିଲେ ବୋଲି ନବରଙ୍ଗପୁର କଂଗ୍ରେସ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। ହିଣ୍ଡେନବର୍ଗର ଏହି ଗୁରୁତର ମନ୍ତବ୍ୟ ଆସିବା ପରେ ସେୟାର ବଜାର ଉପରେ ଏହାର ପ୍ରଭାବ ପଡିଛି। ପୁଞ୍ଜି ନିବେଶକାରୀମାନେ ଗୋଟିଏ ମାସ ମଧ୍ୟରେ ୧୦ ଲକ୍ଷ୍ୟ କୋଟି ଟଙ୍କା କ୍ଷତି ସହିଛନ୍ତି। ଏସବୁ ଜାଣି ମଧ୍ୟ ସିବିଆଇ ଓ ଇଡି ନିରବ କାହିଁକି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆଦାନୀଙ୍କ ବନ୍ଧୁତ୍ୱ ଭାରତ ବର୍ଷର ଅର୍ଥନୀତିକୁ ଦୁର୍ବଳ କରିଛି । ବଜେଟର ଅତିରିକ୍ତ ବୋଝ ନିରୀହ ଜନ ସାଧାରଣଙ୍କ ଉପରେ ପଡ଼ିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ବରିଷ୍ଠ ନେତା ଭୁଜବଳ ମାଝୀ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦିଲୀପ ବେହେରା, ବରିଷ୍ଠ ନେତା ନବ ଜୀବନ ମନ୍ଧାର, ପ୍ରକାଶ ସାମନ୍ତରାୟ, ପ୍ରଦୀପ ସାହୁ, ଉମା ଶଙ୍କର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତା ଓ ଅନ୍ୟମାନେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଡାବୁଗାଁ,୨୩।୨(ଡି.ଏନ୍.ଏ.)

ଡାବୁଗାଁ ଥାନା ସିଂସାରୀ ଫାଣ୍ଡି ଅଧୀନ ଗାଉଣ୍ଟିଆଗୁଡା ଗ୍ରାମ ନିକଟରେ ଗୁରୁବାର ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ସିଂସାରୀ ଫାଣ୍ଡି ଅଧୀନ ମୁଣ୍ଡିଗୁଡା ଗ୍ରାମର ଅମର ଭତ୍ରା (୨୫)। ଆହତ ଜୟଦେବ ଭତ୍ରା (୨୩) ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ମୁଣ୍ଡିଗୁଡାର ଅମର ଓ ଜୟଦେବ ବାଇକ୍‌ଯୋଗେ କାରାଗାଁ ଗ୍ରାମକୁ ବିବାହ ଭୋଜି ପାଇଁ ମାଛ କିଣିବାକୁ ଯାଉଥିବା ବେଳେ ଗାଉଣ୍ଟିଆଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଉଭାୟ ଖସି ପଡିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ ମଧ୍ୟ ଅମରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ସାନଭାଇ ଜୟସିଂ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏଏସଆଇ ଗୋପାଳକୃଷ୍ଣ ହାଲୱା ଓ ଶିଶିରକାନ୍ତ ଘୋଷ ପ୍ରମୁଖ ପହଞ୍ଚି ମୃତଦେହ ଜବତ କରିବା ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏନେଇ ନଂ ୪୧/୨୩ ରେ ମାମଲା ରୁଜୁ ହୋଇଛି।

# ଯୁବକଙ୍କଠାରୁ ଲକ୍ଷେ ଟଙ୍କା ନେଇଗଲେ ସାଇବର ଠକ

ଉମରକୋଟ, ୨୩।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ମୂର୍ତ୍ତୁମା ପଞ୍ଚାୟତର ସାନଖଡ଼କା ଗ୍ରାମର ଗୋକୁଳ ବିଶ୍ୱାସ ସାଇବର ଠକେଇର ଶିକାର ହେଇଛନ୍ତି। ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ୫ହଜାର ୩୨ ଟଙ୍କା କଟିଯାଇଥିବା ନେଇ ସେ ଉମରକୋଟ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାନୁଯାୟୀ ଗୋକୁଳଙ୍କ ମୋବାଇଲକୁ ୮୨୬୩୯୬୩୧୨୬ ନମ୍ବରରୁ ଏକ କଲ୍ ଆସିଥିଲା। ପେ ନିୟରବାୟ ବ୍ୟାଙ୍କର ସେଲ୍ସ ମେନେଜର କହୁଛି ଆପଣଙ୍କ ମୋବାଇଲରେ ପେ ନିୟରବାୟ ବ୍ୟାଙ୍କ ଆପ୍ ଡାଉନଲୋଡ୍ ହୋଇଛି। କେୱାଇସି ପଠାଇଛି ଆପଣ ତାକୁ ଅନୁମୋଦନ କରନ୍ତୁ ବୋଲି ଉକ୍ତ ଲୋକ ଗୋକୁଳଙ୍କୁ କହିଥିଲେ। ତାଙ୍କ କଥାରେ ବିଶ୍ୱାସକରି ଗୋକୁଳ ଆପ୍‌କୁ ଅନୁମୋଦନ କରିବାର ଅଳ୍ପ ସମୟ ମଧ୍ୟରେ ଗୋକୁଳଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା କଟିଯାଇଥିଲା। ଗୋକୁଳ ପେ ନିୟରବାୟ ବ୍ୟାଙ୍କକୁ ଫୋନ କରିବାରୁ ତାଙ୍କ ଆକାଉଣ୍ଟରୁ କଟିଥିବା ଟଙ୍କା ଏସ୍‌ବିଆଇର ଆକାଉଣ୍ଟ ନମ୍ବର ୩୪୨୪୭୧୯୭୩୯୮ ଯାହାର ଆଇଏଫ୍ଏସ୍‌ସି କୋଡ୍



ଠକେଇର ଶିକାର ହୋଇଥିବା ଗୋଗୁଳ ।

ଏସ୍‌ବିଆଇଏନ୍୦୦୦୦୦୦୧ରେ ଜମା ହୋଇଛି ବୋଲି ସୂଚନା ମିଳିଥିଲା। ଘଟଣାକୁ ନେଇ ଉମରକୋଟ ଥାନାରେ ଗୋକୁଳ ଲିଖିତ ଅଭିଯୋଗ କରିଛନ୍ତି। ସାଇବର ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାର ଓ ପ୍ରଶାସନ ପକ୍ଷରୁ ଅନେକ ସଚେତନ କାର୍ଯ୍ୟକ୍ରମ କରାଯାଉଛି। ବିଜ୍ଞାପନ ମାଧମରେ ଲୋକଙ୍କୁ ସଚେତନ କରାଯାଉଛି ତଥାପି ଠକାମିର ଶିକାର ହେଉଛନ୍ତି ଅନେକ ନିରୀହ ଲୋକେ। ସାଇବର ଲୁଟେରାମାନଙ୍କୁ ପୋଲିସ ଧରିବାରେ ସଫଳ ହେଉ ନ ଥିବାରୁ ଏହା ବଢ଼ିଚାଲିଛି ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ସରକାରୀ ସହାୟତାରେ ମନ୍ଦିର ସୌନ୍ଦର୍ଯ୍ୟକରଣ ଦାବି

- ପାହାଡ଼ରେ ପୂଜା ପାଉଛନ୍ତି ବୁଢ଼ା ଭୈରବ
- ଲୋକଙ୍କ ଦାନ ରାଶିରେ ତିଆରି ହୋଇଛି ମନ୍ଦିର

ନନ୍ଦାହାଣ୍ଡି,୨୩।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଏକମ୍ବା ଗ୍ରାମସ୍ଥିତ ବୁଢାରାଜା ପାହାଡରେ କେଉଁ ଅନାଦି କାଳରୁ ପୂଜା ପାଉଛନ୍ତି ବୁଢା ଭୈରବ ଦେବତା। ନନ୍ଦାହାଣ୍ଡି ବ୍ଲକର ସର୍ବ ପୁରାତନ ଏହି ମନ୍ଦିର ଦୀର୍ଘ ଦିନରୁ ଭଗ୍ନାବସ୍ଥାରେ ଅବହେଳିତ ହୋଇ ରହିଥିବାରୁ ଗ୍ରାମବାସୀ ଏବଂ ଆଖପାଖ ଅଞ୍ଚଳର କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ଅବଦାନରେ ନୂତନଭାବେ ମନ୍ଦିର ନିର୍ମାଣ କରାଯାଇଛି। ୧୯ ତାରିଖରୁ ମନ୍ଦିର ପ୍ରତିଷ୍ଠା ପୂଜା ଆରମ୍ଭ ହୋଇଛି। ଏହି ପୂଜା ୪ ଦିନ ଧରି ଚାଲିଥିଲା। ୨୨ ତାରିଖରେ ରତ୍ନମୁଦ ଏବଂ ପୂର୍ଣ୍ଣାହୁତି ହୋଇ ପ୍ରତିଷ୍ଠା ଶେଷ ହୋଇଛି। ବୁଢ଼ାରଜା ପୂଜା କମିଟି ତତ୍ତ୍ୱାବଧାନ ପୂଜାକାର୍ଯ୍ୟରେ ରାଜପୁରୋହିତ ଭାବେ ଦହଣା ଗ୍ରାମର ଅନଙ୍ଗ ରଥ, ଜାମିନି ମହାପାତ୍ର ଏବଂ ଅନ୍ୟ ପୁରୋହିତ ସାହାଯ୍ୟ କରିଥିଲେ। ଶତାଧିକ ଲୋକେ ଏହି ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ମନ୍ଦିର ନିର୍ମାଣ କାମ ସରିଛି। ସରକାରୀ ସହାୟତାରେ ପାହାଡ ଏବଂ ମନ୍ଦିର ସୌନ୍ଦର୍ଯ୍ୟକରଣ କରାଗଲେ ଅନେକ ପର୍ଯ୍ୟଟକ ଆକୃଷ୍ଟ ହେବେ ବୋଲି ଲୋକେ ମତ ଦେଇଛନ୍ତି।



ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଆର୍‌ସିସିକୁ ହରାଇ ଉମରକୋଟ ବଜରଙ୍ଗୀ-୧୧ ଚାମ୍ପିୟନ

**ମା ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଝରିଗାଁ,୨୩।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ମା ଠାକୁରାଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି । ଏହି ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଏଥିରେ ଉମରକୋଟର ବଜରଙ୍ଗୀ-୧୧ ଚାମ୍ପିୟନ ହୋଇଛି।

ଦଣ୍ଡାମୁଣ୍ଡାର ଆର୍‌ସିସି ଏବଂ ଉମରକୋଟ ବଜରଙ୍ଗୀ-୧୧ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଟସ୍ ଜିତି ଆର୍‌ସିସି ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୬ ରନ କରିଥିଲେ। ଜବାବରେ ଉମରକୋଟ ବଜରଙ୍ଗୀ-୧୧ଦଳ ୧୮ ଓଭର ୨ ବଲ୍‌ରେ ୬ ଉଇକେଟ୍ ହରାଇ ୨୦୮ ରନ କରିଥିଲେ। ବଜରଙ୍ଗୀ-୧୧ର ଆନସ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଏବଂ



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ଥବିର ନାୟକଙ୍କୁ ମ୍ୟାନ ଅଫ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଛି। ଅଜୁ ଜାନି ବେଷ୍ଟ ବୋଲର, ଶିବ ହରିଜନ ବେଷ୍ଟ ଫିଲ୍ଡର ଓ କ୍ଷୀରୋଦ ମାଝି ବେଷ୍ଟ ବ୍ୟାଟର ଓ ବେଷ୍ଟ କିପର ଭାବେ ନବ କିଶୋର ଦାସଙ୍କୁ ପୁରସ୍କୃତ କରାଯାଇଛି। ଟୁର୍ନାମେଣ୍ଟ ସଭାପତି ତଥା ନବରଙ୍ଗପୁର ଲୋକ ସଭା ସଦସ୍ୟଙ୍କ ବ୍ଲକ୍ ପ୍ରତିନିଧି ପ୍ରିୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନିବେଦିତା ମହାନ୍ତି , ଉମରକୋଟ ପୌରାଧକ୍ଷା ରାଧା ଭତ୍ରା, ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ରାମଧର ମାଝି, ପଦ୍ମନାଭ ପାଣ୍ଡେ, ଆମ୍ବା ସଭାପତି ଟିକି ମାଝି, ବିଡିଓ ସତ୍ୟନାରାୟଣ ମେହେର, ଟୁର୍ନାମେଣ୍ଟ ସମ୍ପାଦକ ଜି. କ୍ରିଷ୍ଣାରାଓ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ୫୧ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୩୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଟୁର୍ନାମେଣ୍ଟକୁ ସୁଶାନ୍ତ ରାଓ, ପି. ରେଶନ୍ କୁମାର, ପିଙ୍କୁ କାହାଳିଆ, ଆଶିଷ ଲେଙ୍କା, ଅମିତ ପଟ୍ଟନାୟକ, ନବକିଶୋର ଦାସ, ବ୍ରଜ କିଶୋର ଦାସ ପ୍ରମୁଖ ପରିଚାଳନା କରିଥିଲେ।

